## ଆଜି କ'ଣ କେଉଁଠି

**ବାଲେଶ୍ୱର**
- ନବମ ଜଉକଣେଇ ବାହାଘର-୨୦୧୯ : ମଙ୍ଗଳପାକ ଓ ବିଭିନ୍ନ ପ୍ରତିଯୋଗିତା, ଗାନ୍ଧୀ ସ୍ମୃତି ଭବନ, ଦିବସବ୍ୟାପୀ।
- ଜିଲା ରେଭିନ୍ୟୁ ଅଫିସର୍ ବୈଠକ, ଜିଲାପାଳ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୯ଟା।

**ଖଇରା**
- ଗଣ୍ଡିବେଡ଼ ସ୍ଥିତ ପ୍ରିୟଦର୍ଶିନୀ ମହିଳା ସମିତି ପକ୍ଷରୁ ମ୍ୟାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା, ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ସଭାଗୃହ, ଅପରାହ୍ନ ୪ଟା।

**ଭଦ୍ରକ**
- ଶିଶୁମାନଙ୍କ ଅପପୃଷ୍ଟି ସଂକ୍ରାନ୍ତ ବୈଠକ, ଜିଲାପାଳ ସଦ୍‌ଭାବନା ସଭାଗୃହ, ପୂର୍ବାହ୍ନ ୯ଟା।

## ସୁବର୍ଣ୍ଣରେଖାରେ ବୁଡ଼ି ନାବାଳକଙ୍କ ମୃତ୍ୟୁ



**ବାଲିଆପାଳ, ୨୮।୫(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବାଲିଆପାଳ ଥାନା ବିଷ୍ଣୁପୁର ଗ୍ରାମର ଶଶିକାନ୍ତ ଦାସଙ୍କ ପୁଅ ମୃତ୍ୟୁଞ୍ଜୟ (୧୫) ମଙ୍ଗଳବାର ସୁବର୍ଣ୍ଣରେଖା ନଦୀକୁ ଗାଧୋଇବାକୁ ଯାଇ ପ୍ରାଣ ହରାଇଛନ୍ତି। ସେ ସାଙ୍ଗମାନଙ୍କ ସହ ରସଲପୁର ନଦୀଘାଟକୁ ଯାଇଥିଲେ। ସେ ଗାଧୋଉଥିବା ବେଳେ ଗଭୀର ଗଣ୍ଡରେ ତାଙ୍କର ଗୋଡ଼ ଖସି ଯାଇଥିଲା। ସେ ଭାସିଯାଇଥିଲେ। ତାଙ୍କର ସାଙ୍ଗ ଏବଂ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ କରିପାରି ନ ଥିଲେ। ବାଲିଆପାଳଠାରେ ଥିବା ଦମକଳ ବାହିନୀର ବିକ୍ରମାନନ୍ଦ ବେହେରା, ସୁଧୀର ନାୟକ, ଅତନୁ ବେହେରା ନଦୀରେ ବହୁ ଖୋଜାଖୋଜି କରିବା ପରେ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ବାଲିଆପାଳ ଆଇଆଇସି ପ୍ରଭୁ କଲ୍ୟାଣ ଆଚାର୍ଯ୍ୟ, ବାଲିଆପାଳ ତହସିଲଦାର ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତ୍ୟୁଞ୍ଜୟଙ୍କ ମୃତ୍ୟୁରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ମାଛ ଧରିବାକୁ ଯାଇ ବୁଡ଼ିଗଲେ ମତ୍ସ୍ୟଜୀବୀ

**ଖଇରା, ୨୮।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଡା ପଞ୍ଚାୟତ ଅଧୀନ ବାରିଙ୍ଗିଆ ଗ୍ରାମର ପରେଶ ଗିରି ମଙ୍ଗଳବାର ଗାଁ ପୋଖରୀକୁ ମାଛ ଧରିବାକୁ ଯାଇ ପାଣିରେ ବୁଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ସେ ଜାଲ ପକାଇ ତା ମଧରୁ ମାଛ କାଢିବାକୁ ଯାଇ ଆଉ ପାଣି ଭିତରୁ ବାହାରି ନ ଥିଲେ। ଅଧଘଣ୍ଟାଏ ପର୍ଯ୍ୟନ୍ତ ସେ ପାଣିରୁ ନ ଉଠିବାରୁ ସମସ୍ତେ ଖୋଜାଖୋଜି କରି ତାଙ୍କୁ ଉପରକୁ ଆଣିଥିଲେ। ତାଙ୍କୁ ତୁରନ୍ତ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ସେ ପ୍ରାଣ ହରାଇଥିବା ଡାକ୍ତର କହିଛନ୍ତି।

## ୪ ଚୋରା ମଦ ବେପାରୀ ଗିରଫ



**ଜଳେଶ୍ୱର, ୨୮।୫(ଡି.ଏନ.ଏ.):** ବାଲେଶ୍ୱର ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର ଭଦ୍ରାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ନିରୀକ୍ଷକ ଉଦେଲାଲ ନାୟକଙ୍କ ତତ୍ତ୍ୱାବଧାନରେ ଜଳେଶ୍ୱର ଅବକାରୀ ଏସ୍‌ଆଇ ହରପ୍ରସାଦ ରଣା ସ୍ଥାନୀୟ ପୋଲିସ ସହାୟତାରେ ମଙ୍ଗଳବାର ଜଳେଶ୍ୱର ଓ ରାଇବଣିଆ ଥାନାର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଜଣେ ମହିଳାଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜଳେଶ୍ୱର ଥାନା ଲକ୍ଷ୍ମଣନାଥ ପଞ୍ଚାୟତ ପାଳସାହି ଗ୍ରାମର ଶ୍ୟାମା ହାଁସଦା, ଲକ୍ଷ୍ମଣନାଥ ଗ୍ରାମର ସମିତା ରଣା, ରାଇବଣିଆ ଥାନା ଶ୍ରୀକଣ୍ଠପୁର ଗ୍ରାମର ଭଗବାନ ସୋରେନ, ବଜାରଶୋଲ ଗ୍ରାମର ବଳିଆ ମୁର୍ମୁ। ସେମାନଙ୍କ ବିରୋଧରେ ୪ ପୃଥକ ମାମଲା ରୁଜୁ କରାଯାଇଛି। ରନ୍ଧା ଦେଶୀ ମହୁଲି ମଦ ସହ ୮ ଲିଟର ପଶ୍ଚିମବଙ୍ଗ ମାର୍କା ବିଦେଶୀ ମଦ ଜବତ କରାଯାଇଛି।

### ■ କୋଇଲା ଅନ୍‌ଲୋଡ୍ ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକ ଗୁରୁତର

# ଟ୍ରେନ୍ ଚଳାଚଳ ଦେଢ଼ଘଣ୍ଟା ବନ୍ଦ

**ବାହାନଗା, ୨୮।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡ଼ା ରେଳ ଷ୍ଟେଶନରେ ଏକ କୋଇଲା ବୋଝେଇ ଟ୍ରେନ୍‌ରୁ କୋଇଲା ଅନ୍‌ଲୋଡ଼ କରୁଥିବା ବେଳେ ମଙ୍ଗଳବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଶ୍ରମିକ ଗୁରୁତର ହୋଇପଡ଼ିଛନ୍ତି। ଆହତ ଶ୍ରମିକଙ୍କୁ କ୍ଷତିପୂରଣ ଓ ସୁରକ୍ଷା ଦାବି କରି ଅନ୍ୟ ଶ୍ରମିକମାନେ ଦେଢ଼ଘଣ୍ଟା ଧରି ଆନ୍ଦୋଳନ କରିଥିଲେ। ଫଳରେ ବିଭିନ୍ନ ଦିଗରୁ ଆସୁଥିବା ଯାତ୍ରୀବାହୀ ଟ୍ରେନଗୁଡିକ ଚଳାଚଳ କରି ନ ପାରି ବନ୍ଦ ରହିଥିଲା। ରେଲୱେ ଇନ୍ସପେକ୍ଟର ଜଗନ୍ନାଥ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଶ୍ରମିକମାନଙ୍କୁ ବୁଝାଶୁଝା କରିବା ସହ ମାଲ ଅନଲୋଡ଼ ବେଳେ କାହିଁକି ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରାଯାଇ ନ ଥିଲା ସେ ବାବଦରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆହତ ଶ୍ରମିକଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସହ ଆବଶ୍ୟକ ଅନୁଯାୟୀ କ୍ଷତିପୂରଣ ଦେବା ପାଇଁ ସମ୍ପୃକ୍ତ ଠିକାଦାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହାପରେ ସମସ୍ତ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା। ପାରାଦୀପରୁ କୋଇଲା ନେଇ ଆସିଥିବା ମାଲବୋଝେଇ ଟ୍ରେନ୍ ଖନ୍ତାପଡା ରେଳଷ୍ଟେଶନର ଲୋପ୍ ଲାଇନ୍ (ଯେଉଁ ଲାଇନ୍‌ରେ ମାଲ୍ ବୋଝେଇ ଟ୍ରେନ୍ ଛିଡ଼ା ହୁଏ)ରେ କୋଇଲା ଅନଲୋଡ଼ ପାଇଁ ଛିଡ଼ା ହୋଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ଖନ୍ତାପଡ଼ାସ୍ଥିତ ନଇଛଣପୁର ଗ୍ରାମର ଉମେଶ ମଲ୍ଲିକ (୩୨) ଟ୍ରେନ୍ ଉପରେ ଚଢ଼ି ବେଲଚାରେ ତଳକୁ କୋଇଲା କାଢୁଥିବା ବେଳେ ମୁଣ୍ଡ ଉପରେ ଥିବା ୨୫ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ସେ ତଳକୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଅନ୍ୟ ଶ୍ରମିକମାନେ ତାଙ୍କୁ ସଙ୍ଗେ ସଙ୍ଗେ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର-(୨)କୁ ଚିକିତ୍ସା ପାଇଁ ନେଇଯାଇଥିଲେ। ମାଲ୍ ଅନ୍‌ଲୋଡ଼ ବେଳେ ଟ୍ରେନଲାଇନ୍‌ର ବିଦ୍ୟୁତ୍ ବିଚ୍ଛିନ୍ନ କରାଯିବାର ନିୟମ ଥିଲେ ମଧ କେଉଁ ପରିସ୍ଥିତିରେ ତାହା ବିଚ୍ଛିନ୍ନ କରାଯାଇ ନ ଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉକ୍ତ ଶ୍ରମିକଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡିଛି।



ଖନ୍ତାପଡ଼ା ରେଳଷ୍ଟେଶନରେ ଶ୍ରମିକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି।

## ଶୁଚିସ୍ମିତାଙ୍କୁ ମିଳିଲା ସରକାରୀ ସହାୟତା

**ସିମୁଳିଆ, ୨୮।୫(ଡି.ଏନ.ଏ.)**

**'ଧରିତ୍ରୀ' ପ୍ରଭାବ**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଈଶ୍ୱରପୁର ପଞ୍ଚାୟତ ଅଧୀନ କଳାଶୁଣୀ ଅଞ୍ଚଳର ଉର୍ମିଳା ଓ ନରହରି ପଣ୍ଡାଙ୍କ ଦେଢ଼ବର୍ଷର ଶିଶୁକନ୍ୟା ଶୁଚିସ୍ମିତାଙ୍କୁ ସରକାରୀ ଓ ବେସରକାରୀ ସହାୟତା ମିଳିଛି। ଗତ ୩ମାସ ପୂର୍ବେ ତାଙ୍କ ପିଠିରେ ବାହାରିଥିବା ଟ୍ୟୁମର ଅସ୍ତ୍ରୋପଚାର ସହିତ ମଳଦ୍ୱାରରେ ମଧ ଅସ୍ତ୍ରୋପଚାର କରାଯାଇ ପରିସ୍ରା ଦ୍ୱାରରେ ପାଇପ ଲଗାଯାଇଛି। ସରକାରୀ ଗାଡ଼ି ଆସି ତାଙ୍କୁ ଗାଁରୁ ନେବା ଆଣିବା କରିବା ସହିତ ମାଗଣା ଔଷଧ ମଧ ମିଳୁଛି। ବର୍ତ୍ତମାନ ତାଙ୍କ ଚିକିତ୍ସା ଚାଲୁ ରହିଛି। ଆସନ୍ତା ମାସ ତାଙ୍କ ଗୋଡରେ ଅସ୍ତ୍ରୋପଚାର କରାଯିବ। 'ଧରିତ୍ରୀ'ରେ ଶୁଚିସ୍ମିତାଙ୍କ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ଏହି ସହାୟତା ଯୋଗାଇ ଦିଆଯାଉଛି। ଏଥିପାଇଁ 'ଧରିତ୍ରୀ'କୁ ତାଙ୍କ ପରିବାର କୃତଜ୍ଞତା ଜ୍ଞାପନ କରିଛନ୍ତି।

କଳାଶୁଣୀ ଅଞ୍ଚଳର ଶିଶୁକନ୍ୟା ଶୁଚିସ୍ମିତା ଜନ୍ମରୁ ବିଭିନ୍ନ ରୋଗରେ ଆକ୍ରାନ୍ତ। ଜନ୍ମ ପରେ ତାଙ୍କ ପିଠିରେ ଏକ ଆବୁ (ଟ୍ୟୁମର) କ୍ରମଶଃ ବଢି ଚାଲିଥିଲା। ଏଥିରୁ ଲସା ପରି ତରଳ ପଦାର୍ଥ ବୋହି ଚାଲିବା ଯୋଗୁ ପିମ୍ପୁଡି ଲାଗୁଥିଲେ। ଫଳରେ ସେ ଅହରହ କାନ୍ଦୁଥିଲେ। ଆବୁ ପାଇଁ ଲଗାତର ଏକପାଖିଆ ହୋଇ ଶୋଇବା ଯୋଗୁ ତାଙ୍କ ମୁଣ୍ଡର ଆକୃତି ମଧ ଲମ୍ବା ହେଉଥିଲା। ସେହିପରି ତାର ଗୋଡ ଦୁଇଟି ଅଚଳ ହୋଇପଡ଼ିବା ସହିତ ମଳତ୍ୟାଗ ଓ ପରିସ୍ରାରେ ମଧ ସମସ୍ୟା ଥିବା ତାଙ୍କ ମା' ଉର୍ମିଳା ସୂଚନା ଦେଇଥିଲେ। ତେବେ ଅଭାବୀ ପରିବାରରେ ତାଙ୍କ ଚିକିତ୍ସା କରାଇବା ସମ୍ଭବପର ନ ଥିଲା। ରାଣୀତାଲ ମେଡ଼ିକାଲକୁ ଚିକିତ୍ସା ପାଇଁ ଝିଅକୁ ନେଇ ଉର୍ମିଳା ଆସିଥିବା ବେଳେ ତାଙ୍କ ସମସ୍ୟା ସମ୍ପର୍କରେ ଜଣାପଡିଥିଲା। ଗତ ୩୧।୧୦।୧୮ରେ 'ଧରିତ୍ରୀ'ରେ ଏ ସମ୍ପର୍କରେ 'ସହାୟତା ଅପେକ୍ଷାରେ ଶିଶୁକନ୍ୟା ଶୁଚିସ୍ମିତା' ଶୀର୍ଷକରେ ଖବର ପ୍ରକାଶ ପରେ ସ୍ଥାନୀୟ ସରପଞ୍ଚ ବିଷ୍ଣୁପଦ ନାୟକ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଚଗୁଲୁ ସିଂ ପ୍ରମୁଖ ତାଙ୍କ ପରିବାର ନିକଟରେ ପହଞ୍ଚିଥିଲେ। ପରେ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ବିଜୟ କୁମାର ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାଷ୍ଟ୍ରୀୟ ବଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସ୍‌କେ) ଯୋଜନାରେ ତାଙ୍କୁ କଟକ ନିଆଯାଇ ମାଗଣାରେ ସମସ୍ତ ସେବା ଯୋଗାଇ ଦିଆଯାଇଛି।



ମା' ଉର୍ମିଳାଙ୍କ କୋଳରେ ଶୁଚିସ୍ମିତା।

## ଚାଷୀଙ୍କୁ ଘାରିଛି ମାଙ୍କଡ଼ ଚିନ୍ତା

**ରୂପ୍‌ସା, ୨୮।୫(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ କସିପଦା, ଆଙ୍କୋ, ରୂପ୍‌ସା, ଗଡ଼ପଦା, ରାଉତପଡ଼ା ଆଦିପଞ୍ଚାୟତରେ ମାଙ୍କଡ଼ଙ୍କ ଉତ୍ପାତ ଦିନକୁ ଦିନ ବଢିବାରେ ଲାଗିଛି। ପନିପରିବା, ରବି ଫସଲରେ ବ୍ୟାପକ କ୍ଷତି ଯୋଗୁ ଚାଷୀକୁଳ ଚିନ୍ତାରେ ଦିନ ବିତାଉଛନ୍ତି। ବନ ବିଭାଗର ମାଙ୍କଡ଼ଧରା ଅଭିଯାନ କାର୍ଯ୍ୟକାରୀ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଅଧିକାଂଶ ଦିନ ଶତାଧିକ ମାଙ୍କଡ଼ ଘରବାରିରେ ପଶି ଆମ୍ବ, କଦଳୀ ଖାଇଯିବା ସହ ରବିଫସଲ, ପନିପରିବା କ୍ଷେତ ନଷ୍ଟ କରୁଥିବା ଅଭିଯୋଗ ହୋଇଛି। ଗଡ଼ପଦା ପଞ୍ଚାୟତର ଓଡ଼ିଆ ଶାସନ ଓ ରାଉତପଡ଼ା ପଞ୍ଚାୟତର ରାଉତପଡ଼ା ଗ୍ରାମର ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ବନ ବିଭାଗ ପକ୍ଷରୁ ଗତବର୍ଷ ମାଙ୍କଡ଼ଧରା ଅଭିଯାନରେ ମାତ୍ର ୩ଟି ମାଙ୍କଡ଼ ଧରାଯାଇଥିଲା। ଏହାପରେ ପୁଣି ମାଙ୍କଡ଼ଙ୍କ ଉପଦ୍ରବ ବୃଦ୍ଧି ଯୋଗୁ ବିଭିନ୍ନ ଫସଲରେ ବ୍ୟାପକ କ୍ଷତି ହେଉଥିବାରୁ ଚାଷୀମାନେ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।



ଗଣ୍ଡିବେଡ଼ ବଜାର କମିଟି ସଭାପତି ଅଭିମନ୍ୟୁ ରାଉଳ ବିଜୟୀ ଟିମ୍‌କୁ ପୁରସ୍କୃତ କରୁଛନ୍ତି।

## ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ: ଥାଳା ଟିମ୍ ବିଜୟୀ

**ଖଇରା, ୨୮।୫(ଡି.ଏନ.ଏ.)**

ଲକି କ୍ଲବ ଆନୁକୂଲ୍ୟରେ ଖଇରା ବ୍ଲକର ଗଣ୍ଡିବେଡ଼ ବେଙ୍କେଇ ଠାକୁରାଣୀ ପଡ଼ିଆରେ ରବିବାର ଏକ ଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶ୍ୟାମସୁନ୍ଦରପୁର ସରପଞ୍ଚ ସୁଶାନ୍ତ ମହାକୁଡ଼ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଗରସଙ୍ଗ, ସୋରର ଥାଳା, ରାଇକୁଳା, ଡଗରପଡ଼ା, ଔପଦା, ସାରକୋଣା ଭଳି ମୋଟ ୬ଟି ଟିମ୍ ଏଥିରେ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଥାଳା ଗରସଙ୍ଗକୁ ୨-୦ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅଭିମନ୍ୟୁ ରାଉଳ, ଇନ୍ଦ୍ରମଣି ପ୍ରଧାନ, ଭରତ ମହାରଣା, ଗୋବର୍ଦ୍ଧନ ମହାରଣା ଓ ସୁଶାନ୍ତ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ୩ହଜାର ଓ ରନର୍ସଅପ୍ ଦଳକୁ ୨ହଜାର ଟଙ୍କା ପ୍ରଦାନ କରିଥିଲେ। ଦୀପକ ରାଉଳ, ରଜତ ରାଉଳ, ଲକ୍ଷ୍ମୀ ନାରାୟଣ ପ୍ରଧାନ, ଲକ୍ଷ୍ମୀଧର ରାଉଳ, ସୁଶାନ୍ତ ନାୟକ, ବିଜୟ ସେଠୀ, ପ୍ରଦୀପ ସାନ୍ତରା, ଆଦର୍ଶ ନାୟକ, ଅନିଲ ରାଉଳ, ଉମେଶ ଜେନା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଘରୋଇ କାମରେ ୧୦୮ ଆମ୍ବୁଲାନ୍ସ

**ରୂପ୍‌ସା, ୨୮।୫(ଡି.ଏନ.ଏ.):** ସରକାରଙ୍କର ୧୦୮ ଆମ୍ବୁଲାନ୍ସ ଯୋଜନା ଦିଗହରା ହୋଇଛି। ରୋଗୀ ସେବା ପରିବର୍ତ୍ତେ ଘରୋଇ କାମରେ ଆମ୍ବୁଲାନ୍ସ ନିୟୋଜିତ ହେବା ଭଳି ଘଟଣା ସାମ୍ନାକୁ ଆସିଛି। ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଥାନା ଅଞ୍ଚଳରେ ଏଭଳି ଅଭିଯୋଗ ଆସିଛି। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଝିଅ ବାହାଘରରେ ୧୦୮ ଆମ୍ବୁଲାନ୍ସ ଯୋଗେ ବିବାହ କାର୍ଯ୍ୟ ପାଇଁ ଜିନିଷପତ୍ର ଅଣାଯିବା ଦେଖି ନିମନ୍ତ୍ରିତ ଅତିଥିମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଜରୁରିକାଳୀନ ପରିସ୍ଥିତିରେ ରୋଗୀସେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କଲେ ୯୦ପ୍ରତିଶତ ସେବା ମିଳୁ ନ ଥିବାବେଳେ ବିବାହ କାର୍ଯ୍ୟରେ ନିୟୋଜିତ ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି। ବିବାହ ରାତିରେ ଏହି ଘଟଣା ଚର୍ଚ୍ଚା ହେବାରୁ ଡ୍ରାଇଭର ଓ କର୍ମଚାରୀ ଘଟଣାସ୍ଥଳରୁ ଆମ୍ବୁଲାନ୍ସ ନେଇ ଚମ୍ପଟ ମାରିଥିଲେ।

## ସେଲ୍‌ଫି କର୍ଣ୍ଣର



ରଶ୍ମି



ପ୍ରସନ୍ନ



ରଘୁନାଥ



ପ୍ରଦୀପ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ
balasoreselfie@gmail.com
(ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

### ■ କାର୍ଯ୍ୟାଳୟରେ ଅନୁପସ୍ଥିତି

## କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କୈଫିୟତ ତଲବ

**ଜଳେଶ୍ୱର, ୨୮।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ କାର୍ଯ୍ୟରତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଧିକାଂଶ ସମୟ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଥିବା ଅଭିଯୋଗ ହୋଇଛି। ଫଳରେ କାର୍ଯ୍ୟାଳୟର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଓ ସହରବାସୀଙ୍କ ସମସ୍ୟାର ସମାଧାନରେ ବାଧା ଉପୁଜିଛି। ଉଚିତ୍ ସମୟରେ ଦରକାରୀ ପ୍ରମାଣପତ୍ରଗୁଡ଼ିକ ନ ପାଇ ଲୋକେ ହଇରାଣ ହେଉଛନ୍ତି। ଏନେଇ ମଙ୍ଗଳବାର ଜଳେଶ୍ୱର ସହରବାସୀ ଓ କେତେକ ଗଣମାଧ୍ୟମ ପ୍ରତିନିଧି ମ୍ୟୁନିସିପାଲିଟିର ପ୍ରଶାସକ ଦାୟିତ୍ୱରେ ଥିବା ଉପଜିଲାପାଳ ନିଲୁ ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗର ସତ୍ୟତା ଉପଲବ୍ଧି କରି ଉପଜିଲାପାଳ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ସମ୍ପାଦନରେ ଅବହେଳା ନେଇ କୈଫିୟତ ତଲବ କରିଥିବା ସୂଚନା ଦେଇଛନ୍ତି। ଏଥିସହିତ ଉକ୍ତ ଅଧିକାରୀଙ୍କ କାର୍ଯ୍ୟକୁ ତଦାରଖ କରିବା ପାଇଁ ଉପଜିଲାପାଳ ନିଜେ ଆସନ୍ତା ସୋମବାର ମ୍ୟୁନିସପାଲିଟି କାର୍ଯ୍ୟାଳୟରେ ପହଞ୍ଚିବେ ବୋଲି ପ୍ରକାଶ କରିଛନ୍ତି।

## ଅଘୋଷିତ ବିଦ୍ୟୁତ୍ କାଟ୍, ଜନଜୀବନ ଅସ୍ତବ୍ୟସ୍ତ

**ରୂପ୍‌ସା, ୨୮।୫(ଡି.ଏନ.ଏ.)**

- ସୁଧୁରୁନି ଲୋ ଭୋଲଟେଜ୍ ସମସ୍ୟା
- ମାଛ ବ୍ୟବସାୟ ବାଧାପ୍ରାପ୍ତ
- ହୋଇପାରୁନି ଜରୁରିକାଳୀନ କାମ

ବାଲେଶ୍ୱର ସଦର ବ୍ଲକର ରୂପ୍‌ସା ବିଦ୍ୟୁତ ସେକ୍ସନ ଅଧୀନ ବାହାବଳପୁର ଓ ଦୁବୁଲାଗଡି ଫିଡ଼ରରୁ ଦୀର୍ଘ ଦିନ ହେଲା ଅଘୋଷିତ ବିଦ୍ୟୁତ କାଟ ଲାଗି ରହିଛି। ଏହାର ପ୍ରତିକାର କରାଯାଉ ନ ଥିବାରୁ ଉପଭୋକ୍ତା ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଥିସହ ଲୋ ଭୋଲଟେଜ ସମସ୍ୟାକୁ ଦ୍ୱିଗୁଣିତ କରିଛି। ଏନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ବାହାବଳପୁର ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀ ସଂଘ, ୟଙ୍ଗଷ୍ଟାର କ୍ଲବ ଓ ବଣିକ ସଂଘର କର୍ମକର୍ତ୍ତା ପ୍ରମୁଖ ଚେତାବନୀ ଦେଇଛନ୍ତି।

ବାହାବଳପୁରଠାରେ ମାଛଧରା କେନ୍ଦ୍ର ଥିବାରୁ ଉକ୍ତ ଫିଡ଼ର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଫିଡ଼ର ଅଧୀନରେ ଦୁବୁଲାଗଡ଼ି, ସାର୍ଥା, କଷାଫଳ ଓ ମୁହାଣ ଅଞ୍ଚଳର ୩ହଜାର ଉପଭୋକ୍ତା ନିର୍ଭର କରିଥାନ୍ତି। ମୁହାଣରେ ୪ଶହ ବ୍ୟବସାୟୀ ବ୍ୟବସାୟ କରିଥାନ୍ତି। ସେଠାରେ ୧୦ରୁ ଊର୍ଦ୍ଧ୍ୱ ବରଫକଳ ମଧ ରହିଛି। ଅଧିକାଂଶ ସମୟରେ ବିଦ୍ୟୁତ କାଟ୍ ହେଉଛି। ଏହା ସାଙ୍ଗକୁ ଲୋ ଭୋଲଟେଜ ଫଳରେ ବରଫକଳ ବନ୍ଦ ରହୁଛି। ବରଫ ଉତ୍ପାଦନ ହୋଇପାରୁ ନ ଥିବାରୁ ମାଛ ବ୍ୟବସାୟ ବାଧାପ୍ରାପ୍ତ ହେଉଛି। ଇଣ୍ଟରନେଟ, ଡିଟିପି, ଇମେଲ ଆଦି ଜରୁରୀ କାମ ହୋଇପାରୁନାହିଁ। ଲୋକେ ପ୍ରବଳ ଗରମରେ ହଇରାଣ ହେଉଛନ୍ତି। ସନ୍ଧ୍ୟାରେ ଛାତ୍ରୀଛାତ୍ରମାନେ ପାଠ ପଢ଼ିବାକୁ ଇଚ୍ଛା କରୁନାହାନ୍ତି। ମତ୍ସ୍ୟ ବ୍ୟବସାୟୀ ସଂଘର ସମ୍ପାଦକ ଗୋରାଚାନ୍ଦ ଜେନା କହିଛନ୍ତି, ପୁରୁଣା ବିଦ୍ୟୁତ୍ ତାର ବଦଳା ଯାଉନାହିଁ। ଏହି ଫିଡ଼ରର ଉନ୍ନତୀକରଣ କାର୍ଯ୍ୟ ଦିଗରେ ନିଯୁକ୍ତ ଠିକାଦାରଙ୍କ ଏଯାବତ୍ ତତ୍ପରତା ନାହିଁ। ରାତି ଦିନ ବାରମ୍ବାର ବିଦ୍ୟୁତକାଟ୍ ହେଉଛି। ତୁରନ୍ତ ଏହାର ସମାଧାନ ନ ହେଲେ ଜୋରଦାର୍ ଆନ୍ଦୋଳନ ହେବ।

ରୂପ୍‌ସା ବିଦ୍ୟୁତ ସେକ୍ସନର ଜେନେରାଲ ମ୍ୟାନେଜର କେ. କେ. ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ସୌଭାଗ୍ୟ ଯୋଜନାରେ ଏହି ଫିଡ଼ରକୁ ଅନ୍ତର୍ଭୁକ୍ତ କରାଯାଇଛି। ନୂତନ ଟ୍ରାନ୍ସଫର୍ମର, କେବୁଲ ତାର ଆଦି ସାମଗ୍ରୀ ରିଲିଜ ହୋଇଛି। ଠିକାଦାରଙ୍କୁ ମଧ ତୁରନ୍ତ କାର୍ଯ୍ୟ ଶେଷ ପାଇଁ ବିଭାଗ ତରଫରୁ ନିର୍ଦ୍ଦେଶ ଦିଆଯାଇଛି।

